# ପିଲାଙ୍କ ଧରିତ୍ରୀ



## ଖିଲି ଖିଲି ହସ


ପିଣ୍ଟୁ (ମିଣ୍ଟୁ)କୁ କହିଲା– ଆରେ ଏତେ ସମୟ ହେଲା କି ବୋର୍ଡରେ କ'ଣ ଖୋଜୁଛୁ ? ମିଣ୍ଟୁ: ଆରେ, ମୁଁ କି ବୋର୍ଡରେ 'ଏନି' କି ଖୋଜୁଛି । କାରଣ କମ୍ପ୍ୟୁଟର ସ୍କ୍ରିନ୍ ଉପରେ ଲେଖା ହୋଇଛି ଟୁ ପ୍ରେସ୍ ଏନି କି ଟୁ ଷ୍ଟାର୍ଟ।

ପ୍ରଥମ କଏଦୀ: ତୁମକୁ ପୋଲିସ କାହିଁକି ଥାନାରେ ଭର୍ତ୍ତି କରିଛି ?
ଦ୍ୱିତୀୟ କଏଦୀ: ବ୍ୟାଙ୍କ ଚୋରି କରିବା ପରେ ସେଇଠି ବସି ଟଙ୍କା ଗଣୁଥିଲି ପୋଲିସ ଧରିନେଲା।
ପ୍ରଥମ କଏଦୀ: ତୁମେ ବ୍ୟାଙ୍କ ବାହାରେ ଟଙ୍କା ଗଣିବା କ'ଣ ନିହାତି ଜରୁରୀ ଥିଲା ?
ଦ୍ୱିତୀୟ କଏଦୀ: କାହିଁକି ଗଣିଲି ତା'ର ମଧ କାରଣ ରହିଛି , ସେଠାରେ ଲେଖାଥିଲା ଯେ କାଉଣ୍ଟର ଛାଡିବା ପୂର୍ବରୁ ଟଙ୍କା ଭଲ ସେ ଗଣିନିଅ। ନ ହେଲେ ଏଥିପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ।

ଭିକାରି: ସାହେବ ୧୦ଟଙ୍କା ଦିଅ କିଛି ଖାଇଦେବି।
ବ୍ୟକ୍ତି: ତୁମକୁ ଲାଜ ଲାଗୁନି ବାହାରେ ଠିଆ ହୋଇ ଭିକ ମାଗୁଛ ?
ଭିକାରି: ବାବୁ, ଠିକ୍ ଅଛି ମୋତେ ୧୦,୦୦୦ଟଙ୍କା ଦେଇ ଦିଅ, ମୁଁ ଭିକ ମାଗିବା ଲାଗି ଗୋଟେ ଅଫିସ ଖୋଲି ଦେବି .......।

# କରିଥିଲେ ଉପକାର

ଗପ



ଗୋଟେ ଜଙ୍ଗଲରେ ଠେକୁଆଟିଏ ରହୁଥିଲା। ସାରା ଜଙ୍ଗଲରେ ଠେକୁଆ ସହିତ ସମସ୍ତଙ୍କର ଖୁବ୍ ଭଲ ପଡ଼େ। ସୁବିଧା ଅସୁବିଧାରେ ସେ ଆଗେ ଯାଇ ଛିଡ଼ାହୁଏ। ଦିନେ ଖରାବେଳେ ଠେକୁଆ ତା' ବସାକୁ ଫେରୁଥିଲା ବେଳେ ଦେଖିଲା ଗୋଟେ ସିଂହ ଛୋଟେଇ ଛୋଟେଇ ଯାଉଛି। ସିଂହ ଗୋଡ଼ରୁ ଧାରଧାର ରକ୍ତ ବୋହିଯାଉଛି। ସିଂହଟି ଖୁବ୍ ଦୁର୍ବଳ ଦିଶୁଥିଲା। ସିଂହର ଏ ଅବସ୍ଥା ଦେଖି ଠେକୁଆ ମନ ସମ୍ଭାଳି ପାରିଲାନି। ସେ ସଙ୍ଗେ ସଙ୍ଗେ ଦୌଡ଼ିଲା ତା' ପୁରୁଣା ବନ୍ଧୁ ଭାଲୁ ନିକଟକୁ। ଭାଲୁର ଔଷଧ ପତ୍ର ଉପରେ ଭଲ ଧାରଣା ଅଛି। ଭାଲୁ ସେତେବେଳେ ବସିକି ମନ ଆନନ୍ଦରେ ଆଖୁ ଖାଉଥାଏ। ଠେକୁଆ ଭାଲୁକୁ ସବୁ କଥା କହିଲା। ଭାଲୁ ସବୁଶୁଣି କହିଲା ଆରେ ବନ୍ଧୁ କାହିଁକି ଏତେ କାମ ମୁଣ୍ଡକୁ ନେଉଛ। ଆଜିକାଲି ଭଲ କଲେ ନିଜ ପାଇଁ ଅଡୁଆ। ତୁମେ ଯାଅ ଆଉ ମତେ ଏଠି ଆରାମରେ ଆଖୁ ଖାଇବାକୁ ଦିଅ। ଠେକୁଆ ଭାରି ଦୟାଳୁ ଆଉ ପରୋପକାରୀ। କେହି କଷ୍ଟ ପାଉଥିଲେ ସେ ସାହାଯ୍ୟ ନ କରି ରହିପାରେନି। କହିଲା ବନ୍ଧୁ ଅସମୟରେ ଆମେ କାହାରି ଉପକାର କରିଥିଲେ ଆମ ବେଳକୁ ନିଶ୍ଚୟ କେହି ଜଣେ ଆଗେଇ ଆସିବ। କାହାରିକି କରିଥିବା ଉପକାର କେବେ ବ୍ୟର୍ଥ ଯାଏନି। ତୁମେ ଟିକେ ସମୟ ଦେଲେ ସିଂହ ଭାଇ ଆମର କଷ୍ଟ ଯନ୍ତ୍ରଣାରୁ ବର୍ତ୍ତିଯିବ। ଠେକୁଆ କଥା ଶୁଣି ଭାଲୁର ମନ ବଦଳିଗଲା। ଠେକୁଆ ଆଉ ଭାଲୁ ସିଂହ ପାଖକୁ ଧାଇଁ ଆସିଲେ। ଭାଲୁ ଆଖପାଖରୁ କିଛି ଔଷଧୀୟ ପତ୍ର ଆଉ ଫୁଲ ସଂଗ୍ରହ କରି ତାକୁ ପଥରରେ ଛେଚି ଔଷଧ ତିଆରି କରି ସିଂହର କ୍ଷତ ସ୍ଥାନରେ ଲଗାଇଦେଲା। ଆଉ କହିଲା କୁଆଡ଼େ ନ ଯାଇ ଏବେ ଖାଲି ବିଶ୍ରାମ ନିଅ। ତହିଁଆର ଦିନକୁ ସିଂହର ପାଦରୁ ରକ୍ତ ଝରିବା ବନ୍ଦ ହୋଇଯାଇଥାଏ ଆଉ ଦରଜ ବି କମି ଯାଇଥାଏ। ସିଂହ ଆଖପାଖରେ ଭାଲୁ ଆଉ ଠେକୁଆକୁ ଖୋଜିଲା, ହେଲେ କାହାରି ଭେଟ ମିଳିଲା ନାହିଁ। କିଛି ଦିନ ବିତିଗଲା। ଦିନେ ସିଂହ ଗୋଟେ ଗୁମ୍ଫା ଭିତରେ ଶୋଇଥାଏ। ହଠାତ୍ ଖୁବ୍ ଯୋରରେ ପବନ ବହିଲା। ପାହାଡ଼ ଉପରୁ ବଡ଼ ପଥର ଖଣ୍ଡେ ଗଡ଼ିଆସି ଗୁମ୍ଫା ମୁହଁରେ ଅଟକି ଗଲା। ଭାଲୁର ଯେତେବେଳେ ନିଦ ଭାଙ୍ଗିଲା ଗୁମ୍ଫା ମୁହଁ ବନ୍ଦ ଦେଖି ତା' ଅକଲଗୁଡୁମ୍। ଗୁମ୍ଫା ଭିତରୁ ଡାକ ଛାଡ଼ିଲା ହେଲେ କେହି ଶୁଣିଲେ ନାହିଁ। ଟିକେ ସମୟ ପରେ ସେ ବାଟ ଦେଇ ଠେକୁଆ ଯାଉଥିଲା। ଭାଲୁର ଡାକ ଶୁଣି ସେ ଅଟକି ଗଲା ଆଉ ଆଶ୍ୱାସନା ଦେଇ କହିଲା ବନ୍ଧୁ ଚିନ୍ତା କରନି ମୁଁ କିଛି ଉପାୟ କରି ତୁମକୁ ବାହାର କରି ଆଣିବି। ଠେକୁଆ ଆଉ ବିଳମ୍ବ ନ କରି ସିଂହ ପାଖକୁ ଧାଇଁଲା। ସିଂହ ବି ଭାଲୁର ଉପକାର ଭୁଲି ନ ଥାଏ। ସିଂହ ଆସି ଦେଖିଲା ବଡ଼ ପଥରଟେ ଗୁମ୍ଫା ମୁହଁରେ ଅଛି, ଆଉ ତଳେ ଗୋଟେ ଛୋଟ ପଥର। ପ୍ରଥମେ ବୁଦ୍ଧି ଖଟାଇ ଛୋଟ ପଥରକୁ କାଢିଦେଲା ଏଥର ତା' ଶକ୍ତ ପଞ୍ଝାରେ ବଡ଼ ପଥରକୁ ବଳ ଲଗେଇ ଠେଲିଦେଲା। ବଡ଼ ପଥର ଗଡିଗଡ଼ି ଯାଇଁ ଟିକେ ଦୂରରେ ରହିଲା। ଭାଲୁ ଗୁମ୍ଫାରୁ ବାହାରି ଆସି ସିଂହକୁ ଧନ୍ୟବାଦ ଦେଲା। ପୁରୁଣା ବନ୍ଧୁ ଠେକୁଆର ବି ବହୁତ ପ୍ରଶଂସା କଲା। ତିନି ଜଣ ଏଥର ସାଙ୍ଗ ହୋଇ ସେଇ ଜଙ୍ଗଲରେ ଆରାମରେ ରହିଲେ।

– ଦେବେନ୍ଦ୍ର କର
ମଙ୍ଗଳାବାଗ, କଟକ–୧
ମୋ: ୯୯୩୭୯୬୩୯୧୦

# ମହାକାଶ ରାଣୀ ସୁନୀତା

ମହାକାଶକୁ ଯାଇ ରେକର୍ଡ କରି ଫେରିଥିବା ସୁନୀତାଙ୍କୁ ନେଇ ଏବେ ସାରା ବିଶ୍ୱରେ ଚର୍ଚ୍ଚା। ତେବେ ତାଙ୍କର ପୁରାନାମ ହେଉଛି ସୁନୀତା ଲିନ୍ ପାଣ୍ଡ୍ୟା ୱିଲିୟମ୍ସ। ୧୯୬୫ ମସିହା ସେପ୍ଟେମ୍ବର ୧୯ ତାରିଖରେ ଆମେରିକାର ଓହିଓରେ ତାଙ୍କର ଜନ୍ମ। କିନ୍ତୁ ତାଙ୍କ ବାପା ଡକ୍ଟର ଦୀପକ ଏନ୍. ପାଣ୍ଡ୍ୟା ହେଉଛନ୍ତି ଭାରତର ଗୁଜୁରାଟର ମୂଳ ବାସିନ୍ଦା। ଆମେରିକାରେ ସେ ନ୍ୟୁରୋସାଇଣ୍ଟିଷ୍ଟ(MD)ଭାବେ କାମ କରନ୍ତି। କିନ୍ତୁ ମାଆ ବୋନି ଜାଲୋକର ପାଣ୍ଡ୍ୟା ହେଉଛନ୍ତି ସ୍ଲୋଭେନିଆର। ତାଙ୍କର ବଡ଼ ଭାଇ ଜୟ ଥମାସ ପାଣ୍ଡ୍ୟା ଏବଂ ବଡ଼ ଭଉଣୀ ଡାଏନା ଆନ୍ ପାଣ୍ଡ୍ୟା। ମାସାଚୁସେଟ୍ସର ହାଇସ୍କୁଲରୁ ସ୍ନାତକ ହାସଲ କରିବା ପରେ ସୁନୀତା ୧୯୮୭ ମସିହାରେ ଯୁକ୍ତରାଷ୍ଟ୍ର ନୌସେନା ଏକାଡେମୀରୁ ଭୌତିକ ବିଜ୍ଞାନରେ ବି.ଏସ୍. ଡିଗ୍ରୀ ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ୧୯୯୫ ମସିହାରେ ସେ ଫ୍ଲୋରିଡା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ଇଞ୍ଜିନିୟରିଂ ମ୍ୟାନେଜମେଣ୍ଟରେ ଏମ୍.ଏସ୍. ଡିଗ୍ରୀ ହାସଲ କଲେ। ଜୁନ୍ ୧୯୯୮ରେ ସୁନୀତା ଆମେରିକୀୟ ମହାକାଶ ସଂସ୍ଥା ନାସାକୁ ମନୋନୀତ ହୋଇଥିଲେ ଏବଂ ତାଙ୍କର ତାଲିମ ଆରମ୍ଭ ହୋଇଥିଲା। ସେ ହେଉଛନ୍ତି ଦ୍ୱିତୀୟ ଭାରତୀୟ ବଂଶୋଦ୍ଭବ ମହିଳା, ଯିଏ ମହାକାଶ ମିଶନରେ ଯାଇଥିଲେ। ସେ ତାଙ୍କ ସହପାଠୀ ମାଇକେଲ ଜେ.ଙ୍କୁ ବିବାହ କରିଛନ୍ତି।



ସେ ଜଣେ ନୌସେନା ନାବିକ, ହେଲିକପ୍ଟର ପାଇଲଟ୍, ପରୀକ୍ଷଣ ପାଇଲଟ୍, ବୃତ୍ତିଗତ ମେରାଇନ୍ ଡାଇଭର, ଦାନ ପାତ୍ରି ସଂଗ୍ରହକାରୀ, ପଶୁପ୍ରେମୀ, ମାରାଥନ ଧାବକ ଏବଂ ବର୍ତ୍ତମାନ ବିଶ୍ୱ ରେକର୍ଡଧାରୀ ମହାକାଶଚାରୀ। ବିଜ୍ଞାନ ଏବଂ ଯାନ୍ତ୍ରିକ କ୍ଷେତ୍ରରେ ଭାରତ ସରକାରଙ୍କ ଦ୍ୱାରା ତାଙ୍କୁ ୨୦୦୮ ମସିହାରେ ପଦ୍ମ ଭୂଷଣ ପ୍ରଦାନ କରାଯାଇଥିଲା। ସେ ନୌସେନା ପ୍ରଶଂସା ପଦକ, ନୌସେନା ଏବଂ ମାରିନ୍ କର୍ପସ୍ ସଫଳତା ପଦକ, ମାନବିକ ସେବା ପଦକ ସମେତ ଅନେକ ସମ୍ମାନର ଅଧିକାରୀ।

– ଡ. ସନ୍ତୋଷ କୁମାର ପଣ୍ଡା
କେଶବଧାମ, ଗଡିରାଉତପାଟଣା, କଟକ
ମୋ: ୮୨୪୯୦୨୧୪୨୪


## ମତାମତ

▸ ଆଇନା ପୃଷ୍ଠାରେ ପ୍ରକାଶିତ ଫଟୋ ଦୁଇଟି ସୁନ୍ଦର ହୋଇଥିଲା।
–ରାଜା ସ୍ୱାଇଁ, ନାଳିବର, ଜଗତ୍‌ସିଂହପୁର

▸ ସେଲ୍ଫ ଷ୍ଟଡି ପିଲାଙ୍କ ପାଇଁ ଉପଯୋଗୀ ବିଷୟଟିଏ।
–ଅଭୟ ପ୍ରଧାନ, ସୁନାବେଡ଼ା, କୋରାପୁଟ

▸ ଜଣାଅଜଣା ପୃଷ୍ଠାରେ ପ୍ରକାଶିତ 'ଚମତ୍କାରୀ ଶନିମନ୍ଦିର' ବିଷୟରେ ପଢ଼ିବାକୁ ଭଲ ଲାଗିଲା।
–ରାଜେଶ ସାହୁ, ନୟାଗଡ଼

## ରଙ୍ଗ ଦିଅ



ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୁଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ସ୍କୁଲ ପାଇଁ ପ୍ରସ୍ତୁତି

**ନୂଆ ସ୍କୁଲକୁ ଯିବା ଲାଗି ଥାଏ ଉତ୍ସୁକତା। ହେଲେ ଏହା ପୂର୍ବର କେତୋଟି ବିଷୟ ପ୍ରତି ନଜର ଦେବା ଜରୁରୀ...**



ଏବେ ଅନେକ ସ୍କୁଲରେ ନାମ ଲେଖା ଆରମ୍ଭ ହେଲାଣି। ଆଉ କିଛି ଦିନ ପରେ ନୂଆ କ୍ଲାସ୍ ଆରମ୍ଭ ହେବ। କେତେକ ପିଲା ପ୍ରଥମ କରି ସ୍କୁଲରେ ପଢିବେ। ମାତାପିତା ମଧ୍ୟ ଏ ନେଇ ଦୃଷ୍ଟି ଦେବା ଆବଶ୍ୟକ। ସ୍କୁଲ ଯିବା ପାଇଁ ପ୍ରସ୍ତୁତି ସମ୍ପର୍କିତ ଟିପ୍ସ...

## ମାନସିକ ସ୍ତରରେ ପ୍ରସ୍ତୁତ କରନ୍ତୁ

ପିଲାକୁ ସ୍କୁଲ ଯିବା ଲାଗି ତାକୁ ହଠାତ୍ କୁହନ୍ତୁ ନାହିଁ। ମାସେ ପୂର୍ବରୁ ସ୍କୁଲର ପରିଚୟ ଦେବା ଆରମ୍ଭ କରି ଦିଅନ୍ତୁ। ତାକୁ ସେଠାରେ ସକାରାତ୍ମକ କଥା କୁହନ୍ତୁ– ଦେଖ, ସେଠାରେ ତୁ ଖେଳିବୁ, ନୂଆ ସାଙ୍ଗ ମିଳିବେ, ମଜାଦାର କାହାଣୀ ଶୁଣିବୁ। ଏହାଦ୍ୱାରା ପିଲାର ସ୍କୁଲଯିବା ଭୟ ମନରୁ ଦୂର ହେବ।

## ସ୍କୁଲ ଭିଜିଟ୍ କରନ୍ତୁ

ଯେଉଁ ସ୍କୁଲରେ ପିଲାର ଆଡ୍‌ମିଶନ୍ କରିବେ ତାକୁ ନେଇ ସେଠାରେ ଶିକ୍ଷକ ଏବଂ ଆୟାମାନଙ୍କ ସହିତ ପରିଚିତ କରାନ୍ତୁ। ତାକୁ ତା' କ୍ଲାସ୍‌ରୁମ୍, ପ୍ଲେ ଗ୍ରାଉଣ୍ଡ, ଝୁଲା ଆଦି ଦେଖାନ୍ତୁ। ଏହାଦ୍ୱାରା ପିଲା ଦେଖିବ ଯେ ସ୍କୁଲ ହେଉଛି ଏକ ମଜାଦାର ସ୍ଥାନ। ଯାହା ଫଳରେ ତା' ମନରେ ଥିବା ସବୁ ଦ୍ୱନ୍ଦ୍ୱ ଦୂର ହୋଇଯିବ।

## ସାଙ୍ଗସାଥୀ ସହିତ ମିଶାନ୍ତୁ

ଯଦି ସ୍କୁଲରେ ପ୍ରଥମରୁ କୌଣସି ସାଙ୍ଗ ସେ ସ୍କୁଲରେ ପଢୁଛି ତେବେ ତା' ସହିତ ଗେଟ୍ ଟୁଗେଦର କରାନ୍ତୁ। ଏହାଦ୍ୱାରା ପିଲାକୁ ଲାଗିବନି ଯେ ସେ ଆଉ ଏକୁଟିଆ ନାହିଁ। ତା' ସହିତ ସାଙ୍ଗ ବି ଥିବ।

## ଘରେ ସ୍କୁଲର ଅନୁଭବ କରାନ୍ତୁ

ପିଲାକୁ ଖେଳ ଖେଳରେ ସ୍କୁଲର ଅନୁଭବ କରାଇବା ବହୁତ ଭଲ ଉପାୟ। କେବେ କେବେ ମାତାପିତା ପିଲାର ଟିଚର ହୁଅନ୍ତୁ। ଏହି ଖେଳ ଦ୍ୱାରା ପିଲା ସ୍କୁଲ ଯିବାକୁ ଅଧିକ ଖୁସି ହେବ।

## ଦିନଚର୍ଯ୍ୟା ପ୍ରଥମେ ସେଟ୍ କରନ୍ତୁ

ପିଲାଙ୍କୁ ସ୍କୁଲ ଖୋଲିବାର ୧୦ଦିନ ପୂର୍ବରୁ ରୁଟିନ୍ ସେଟ୍ କରନ୍ତୁ। ପ୍ରତ୍ୟେକଦିନ ଟାଇମରେ ଉଠାଇବା, ଖୁଆଇବା ଆଦି କାମ ସାରି ପାଠପଢ଼ା ପ୍ରତି ଆଗ୍ରହ ବଢାଇବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ପିଲା ସ୍କୁଲ ଟାଇମ୍ ଅନୁଯାୟୀ ଆଗରୁ ଆଡ୍‌ଜଷ୍ଟ ହୋଇଯିବ।





## ଟିଫିନ୍ ଏବଂ ୟୁନିଫର୍ମର ପ୍ରାକ୍ଟିସ

ପିଲାକୁ ଘରେ ସେହି ଖାଦ୍ୟ ଦିଅନ୍ତୁ ଯାହାକୁ ସେ ସ୍କୁଲରେ ଖାଇବ। ପିଲାକୁ ତା'ର ନୂଆ ବ୍ୟାଗ୍, ୱାଟରବଟଲ, ୟୁନିଫର୍ମ ଆଦିକୁ ଦେଇ ତା' ମନରେ ଉତ୍ସାହ ବଢ଼ାନ୍ତୁ। ଏସବୁ ଧରି ସ୍କୁଲ ଯିବା ଦ୍ୱାରା ତୁ କେତେ ଭଲ ଦେଖାଯିବୁ ତାକୁ କୁହନ୍ତୁ।

## ନିଜ ପିଲାଦିନର ସ୍କୁଲ କଥା କୁହନ୍ତୁ

ମାତାପିତା ନିଜ ପିଲାଦିନର ସ୍ମୃତି ପିଲା ଆଗରେ କୁହନ୍ତୁ। ତାକୁ କୁହନ୍ତୁ ଯେତେବେଳେ ସେ ପ୍ରଥମ ଥର ସ୍କୁଲ ଯାଇଥିଲେ ସେତେବେଳେ ତାଙ୍କୁ କେମିତି ଲାଗିଥିଲା। ସେ କେମିତି ନୂଆସାଙ୍ଗ କରିଥିଲେ,ସ୍କୁଲରେ ସବୁ କ'ଣ ମଜାଦାର ଘଟଣା ହୋଇଥିଲା। ଯଦି ସମ୍ଭବ ହୁଏ ନିଜ ପିଲାଦିନର ସ୍କୁଲର ପୁରୁଣା ଫଟୋ ପିଲାକୁ ଦେଖାନ୍ତୁ। ଏହାଦ୍ୱାରା ପିଲା ନିଜକୁ ସେଥିରେ ଯୋଡିଦେବ।

## ଭାବନାକୁ ବୁଝନ୍ତୁ

କେବଳ ନିଜ କଥା କୁହନ୍ତୁ ନାହିଁ, ତାକୁ ବି ପଚାରନ୍ତୁ ସେ ସ୍କୁଲକୁ ନେଇ କ'ଣ ଭାବେ। ଯଦି ତାକୁ ସ୍କୁଲ ଯିବାକୁ ଡରଲାଗୁଛି ତେବେ ଏଭଳି ଭୟ ତା' ମନରୁ ପ୍ରଥମେ ଦୂର କରନ୍ତୁ। ଏ କଥାକୁ କେବେ ଅଣଦେଖା କରନ୍ତୁ ନାହିଁ। ସ୍ନେହରେ ତା' କଥା ଶୁଣନ୍ତୁ ଏବଂ ତାକୁ ବୁଝାନ୍ତୁ ଯେ ସ୍କୁଲ ତା' ପାଇଁ କେତେ ଜରୁରୀ।


## ବିଦାୟକୁ ଖୁସିରେ ଭରି ଦିଅନ୍ତୁ



ସାଧାରଣତଃ ଛୋଟପିଲା ସ୍କୁଲରେ କାନ୍ଦିଥାନ୍ତି। କାହିଁକିନା ତାଙ୍କୁ ଲାଗିଥାଏ ଯେ ମାତାପିତା ତାଙ୍କୁ ଛାଡିକି ପଳାଇବେ। ଏମିତିରେ ଯେତେବେଳେ ପିଲାକୁ ସ୍କୁଲରେ ଛାଡୁଛନ୍ତି ତାକୁ ସ୍ନେହରେ କୁହନ୍ତୁ ଏବେ ମଜା କର, ମାମା ପାପା ତୁମକୁ ଜଲ୍‌ଦି ଆସି ଏଠାରୁ ନେଇଯିବେ। ଏହିପରି ପଜିଟିଭ୍ କଥା ତା' ମନରେ ଭରିଦିଅନ୍ତୁ, ଏହା ଦ୍ୱାରା ପିଲାକୁ ଭରସା ହୋଇଯିବ ଯେ କିଛି ଘଣ୍ଟା ପାଇଁ ସେ ମାତାପିତାଠାରୁ ଅଲଗା ଅଛି।



୧



୨



୩




୪




୫



୬



୭



୮




୯



୧୦



୧ ସ୍ୱତନ୍ତ୍ର ରାଉତରାୟ
କ୍ଲାସ୍- ୧, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, ସତ୍ୟନଗର, ଭୁବନେଶ୍ୱର

୨ ଦିବ୍ୟା ଦାଶ
କ୍ଲାସ୍- ୩, ସେଣ୍ଟ ଯୋଶେଫ ହାଇସ୍କୁଲ, ଭୁବନେଶ୍ୱର





୩ ସୁଶ୍ରୀ ସଙ୍ଗୀତା ଦାସ
କ୍ଲାସ୍- ୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମାର୍ଶାଘାଇ, କେନ୍ଦ୍ରାପଡା

୪ ପୁଣ୍ୟତୋୟା ଦାସ
କ୍ଲାସ୍- ୨, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର





୫ ଆରାଧ୍ୟା ଦ୍ୱିବେଦୀ
କ୍ଲାସ୍- ୩, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗ ନଗର, ଭୁବନେଶ୍ୱର

୬ ତ୍ରିଶା ମିଶ୍ର
କ୍ଲାସ୍-୪, ଡିଏଭି ପବ୍ଲିକ ସ୍କୁଲ, ରାଜାବଗିଚା, କଟକ





୭ ମୋନାଲି ସାହୁ
କ୍ଲାସ୍- ୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବରମୁଣ୍ଡା, ଭୁବନେଶ୍ୱର

୮ ସୁଦେଷ୍ଣା ଇତିଶ୍ରୀ ସ୍ୱାଇଁ
କ୍ଲାସ୍-୧୦, ଜ.ବ.ରା. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ନିମାପଡ଼ା





୯ ପ୍ରୀତି ପ୍ରଜକ୍ତା ପତି
କ୍ଲାସ- ୮, ଭି ଏସ୍ ବିଦ୍ୟାଳୟ, ସୁନାବେଡା, କୋରାପୁଟ

୧୦ ଚିରାଗ ଚିରଞ୍ଜିତ ବେହେରା
କ୍ଲାସ- ୫, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର





## କବିତା

### ଆମ ଉତ୍କଳ ଭୂଇଁ

ଆହାକି ସୁନ୍ଦର ଆମ ଉତ୍କଳ ଭୂଇଁ
ଆମ ଏ ଓଡ଼ିଶା ମାଟି
ବିଶ୍ୱରେ ପ୍ରସିଦ୍ଧ ଆମ ଚାରୁଚିତ୍ର କଳା
ଇତିହାସେ ଭାସେ ଯାର ଯଶକୀର୍ତ୍ତି।
ଚିତ୍ରକଳା ଯାର କୋଣାର୍କ ଦର୍ଶାଏ
ଯାର ପାଦ ପଖାଳେ ସାଗର
ସେହିଁ ଆମ ପ୍ରିୟ ଉତ୍କଳ ଭୂଇଁ
ସ୍ୱର୍ଗଠୁ ବି ଅଟେ ସୁନ୍ଦର।
ତା' ପାଣି ପବନ ସୁନ୍ଦର କାନନ
ଗାଏ ଉତ୍କଳ ମାଟିର ଗାଥା
ଭିନ୍ନ ଆମ ପରମ୍ପରା ଭିନ୍ନ ଆମ ସଂସ୍କୃତି
ଇତିହାସ ଯାର କହେ କଥା।
ବାରମାସେ ହୁଏ ତେରପର୍ବ ଏଠି
ଆମ ସଂସ୍କୃତି ନିଆରା
ହୁଏ ନାନାପ୍ରକାରର ପିଠା ପଣା
ଭଲଲାଗେ ଆମ ପଖାଳ ପସରା।
ଆମ ମାତୃଭୂମି ଜଗତରେ ଅନ୍ୟତମ
ଆମ ମାତୃଭାଷା ଓଡ଼ିଆ
ଆମ ସଂସ୍କୃତି ଆମ ଗାଥା କହେ
ଆମ ଭାଷା ଭାରି ବଢ଼ିଆ।
କାଳରେ ଉତ୍କୃଷ୍ଟ ଆମ ଉତ୍କଳ ଜନନୀ
ଯାର ନାଁ ବିଶ୍ୱରେ ବିଖ୍ୟାତ
ଗରବେ କହିବା ଆମେ ଉତ୍କଳୀୟ
ରଖିବା ଜାତିର ଟେକ।

**– ରମାକାନ୍ତ ଦାସ**
ନନ୍ଦିଗ୍ରାମ, ନାଉଗାଁ, ଜଗତ୍‌ସିଂହପୁର
ମୋ: ୯୬୬୮୧୫୩୬୯

### ଉତ୍କଳ ଜନନୀ

ସୁନା ଓଡ଼ିଶା ଆମ ରାଇଜ
ଅପ୍ରେଲ ଏକ ଜନ୍ମଦିବସ
ଓଡ଼ିଶାବାସୀଙ୍କ ଜନ୍ମଭୂମି
ଚିର ନମସ୍ୟ ! ଉତ୍କଳ ଜନନୀ।
ବିଂଶ ଶତାବ୍ଦୀର ତିନି ଦଶନ୍ଧି
ଉତ୍କଳ ଗୌରବ, ଉତ୍କଳ ମଣି
ନୀଳକଣ୍ଠ, କୃଷ୍ଣ, କବିବର
ଆହୁରି କେତେ ମହାପୁରୁଷ।
ତାଙ୍କ ସାଧନାରେ ଉତ୍କଳ ପ୍ରଦେଶ
ପାଇଲୁ ଆମେ ସ୍ୱତନ୍ତ୍ର ରାଜ୍ୟ
ପଡୋଶୀ ରାଜ୍ୟର ଷଡଯନ୍ତ୍ର
ବିଫଳ ହେଲା ସବୁ ପ୍ରୟାସ।
ଓଡ଼ିଶା ଆମ ଜନମ ମାଟି
ଏକତା, ସାମ୍ୟ ଆମରି ଶକ୍ତି
ହଟିବେ ଶତ୍ରୁ, ଫେରାଇ ଆଖି
ଓଡିଆ ଜାତି ଭାରି ସାହସୀ।
ଆମ ରାଇଜ ବିଶ୍ୱବିଦିତ
ଭରି ରହିଛି ଖଣି ସମ୍ପଦ
ଏ ରାଜ୍ୟ କେବେ ନଥିଲା ନିଃସ୍ୱ
ରତ୍ନଗର୍ଭା ଥିଲା ଆମ ରାଇଜ।

**– ଚିତ୍ତରଞ୍ଜନ ମହାନ୍ତି**
ରାଣୀତାଲ୍, ଭଦ୍ରକ
ମୋ: ୯୪୩୯୯୪୮୨୫୬

### ଦେଖାଇବୁ କାମ କରିକି

ଆମେ ସିନା ଶିଶୁ ପାଠ ପଢ଼ି ଦିନେ
ଦେଖାଇବୁ କାମ କରିକି,
କେବେହେଲେ ଆମେ ବଇରୀ ପାଖରେ
ପଛେଇବୁ ନାହିଁ ଡରିକି।
ବଣ, ପରବତ, ସାଗର ଛୁଇଁବୁ
ଝରଣାଟି ପରି ଝରିକି,
ଯେତେ ଜୀବଜନ୍ତୁ, କୀଟ ଓ ମାନବ
ପିଇବେ ହୃଦୟ ଭରିକି।
ଧରମା ଓ ବାଜି ନାମ ରଖିଗଲେ
ଦେଶ ହିତ ପାଇଁ ମରିକି,
ସେଇ ଦେଶ ନାମ ଟେକ ରଖିଥିବୁ
ସଦା ଭଲ କାମ କରିକି।
ସତ୍ୟ, ଶାନ୍ତି, ସେବା, ଏକତା ରଖିବୁ
ମଇଳା ମନଟି ଖରିକି,
ବିପଦେ, ଆପଦେ ହାତ ବାଇବୁ
ମନରୁ ଗରବ ମାରିକି।
କଷଣ, ବେଦନା ଯାହା ଆସୁଥିବ
ପ୍ରଭୁ ନାମ ତୁଣ୍ଡେ ଧରିକି,
ଦୁଃଖ କରିବୁନି ଜୀବନ ପଥରେ
କେବେ କେତେବେଳେ ହାରିକି।

**– ଅନନ୍ତ କୁମାର ସେନାପତି**
ବାଣ୍ଟୁପଡା, ରାଜଗାଙ୍ଗପୁର, ସୁନ୍ଦରଗଡ଼
ମୋ: ୭୦୦୮୩୦୪୨୨୫

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ






### ଆଖି ବନ୍ଦ କରି ଚେସ୍

ଆଖି ବନ୍ଦ କରି ଚେସ୍ ବୋର୍ଡର ସମସ୍ତ ଗୋଟିକୁ ଠିକ୍ ସ୍ଥାନରେ ରଖିବା ନିଶ୍ଚିତ କଷ୍ଟକର। କିନ୍ତୁ ଅଭ୍ୟାସ ବଳରେ ସବୁ କାମ ସମ୍ଭବ ହୋଇପାରେ। ଏହାର ଏକ ଉଦାହରଣ ସାଜିଛନ୍ତି ପୁନିଥାମାଲାର ରାଜଶେଖର। ମାଲେସିଆର ୧୦ ବର୍ଷୀୟା ଏହି ବାଳିକା ଏଭଳି କାମକୁ ମାତ୍ର ୪୫.୭୨ ସେକେଣ୍ଡରେ କରିପାରିଛନ୍ତି। ସେଥିପାଇଁ ତାଙ୍କ ନାଁ ଏବେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି। ପୁନିଥାମାଲାର ଆଖିରେ ପଟି ବାନ୍ଧି ଚେସ୍ ବୋର୍ଡର ସମସ୍ତ ଗୋଟିକୁ ଏତେ ଶୀଘ୍ର ଠିକ୍ ସ୍ଥାନରେ ରଖି ଦେଉଛନ୍ତି ଯେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଉଛି। ତେବେ ଏଥିପାଇଁ ସେ ଦୀର୍ଘଦିନ ଧରି ଅଭ୍ୟାସ କରୁଥିଲେ। ପ୍ରତିଦିନ ତାଙ୍କ ବାପାଙ୍କ ସହିତ ଚେସ୍ ଖେଳନ୍ତି। ଏହା ତାଙ୍କର ପସନ୍ଦର ଖେଳ ମଧ୍ୟ। ତେଣୁ ବହୁ ଦିନ ଧରି ସେ ଏହି ଖେଳରେ ଯେମିତି ମଜ୍ଜି ରହିଛନ୍ତି। ଅବଶ୍ୟ ଏଭଳି ରେକର୍ଡ କରିବା ପାଇଁ ସେ ଥରେ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମରୁ ପ୍ରେରଣା ପାଇଥିଲେ। ଏଥିସହ ତାଙ୍କ ବାପା ହିଁ ରେକର୍ଡ କରିବା ପାଇଁ ତାଙ୍କୁ ଉତ୍ସାହିତ କରିଥିଲେ।

## ଏଥରର

- କେଉଁ ଶାନ୍ତି ଚୁକ୍ତି ପରେ ପ୍ରଥମ ବିଶ୍ୱଯୁଦ୍ଧ ବନ୍ଦ ହୋଇଥିଲା ?
- ପ୍ରଥମ କମ୍ପ୍ୟୁଟର ଭାଇରସ୍‌ର ନାମ ?
- ପୁରାତନ ଇଜିପ୍ଟ ଲୋକେ ସୂର୍ଯ୍ୟ ଭଗବାନଙ୍କୁ କେଉଁ ନାମରେ ପୂଜା କରୁଥିଲେ ?
- ପିଙ୍କ୍ ଲେଡିସ୍ ଓ ଗ୍ରାନୀ ସ୍ମିଥ୍ କେଉଁ ପ୍ରକାର ଫଳର ନାମ ?
- ଏଲନ୍ ମସ୍କଙ୍କର ଜନ୍ମ କେଉଁ ଦେଶରେ ?

## ଗତଥରର ଉତ୍ତର

- ଫିନ୍‌ଲାଣ୍ଡ
- ଜାପାନ
- ସେଓ
- ଚାଇନା
- ଆମାଜନ୍

## କହିଲ ଦେଖି

ଏପ୍ରିଲ ମାସର ପ୍ରଥମ ଦିନ
ଓଡ଼ିଆମାନଙ୍କ ସେ ସ୍ୱାଭିମାନ
ଓଡ଼ିଆ ବୋଲିକି କରି ଗରବ
ଖୁସିରେ ପାଳନ୍ତି ଏହି ପରବ
ଉତ୍ସର୍ଗ କରନ୍ତି ରାଜ୍ୟର ପାଇଁ
କିଏ ସେ ପାରିବ ତା' ନାମ କହି ?

ଉ– **ଓଡ଼ିଶା ଦିବସ**





ଭାଷାଭିତ୍ତିରେ ରାଜ୍ୟ ଗଠିତ ହେଲା
ଇତିହାସରେ ତା'ର ନାମ ରଖିଲା
ଭାଷାଭିତ୍ତିକ ସେ ପ୍ରଥମ ରାଜ୍ୟ
ପାଇଥିଲା ଯିଏ ନିଜର ନ୍ୟାଯ୍ୟ
ସରସ ସୁନ୍ଦର ରାଜ୍ୟଟି ସିଏ
ନାମଟି ତାହାର କହିବ କିଏ ?

ଉ– **ଓଡ଼ିଶା**




ପ୍ରଥମ ଓଡ଼ିଆ ବିଲାତ ଯାତ୍ରୀ
ସାଜିଲେ ପ୍ରଥମ ଓଡ଼ିଆ ମନ୍ତ୍ରୀ
ପ୍ରଥମ ଓଡ଼ିଆ ସେ ବାରିଷ୍ଟର
ପ୍ରଥମ ଓକିଲ ସିଏ ଓଡ଼ିଶାର
ସ୍ୱାଧୀନ ସଂଗ୍ରାମୀ ଅଟନ୍ତି ସିଏ
ଭାଷା ଆନ୍ଦୋଳନ କରିଲେ ଯିଏ
ସିଏ ଥିଲେ ଆମ ଓଡ଼ିଆ କବି
ତାଙ୍କ ନାମ କିଏ କହିଲ ଭାବି ?

ଉ– **ଉତ୍କଳ ଗୌରବ ମଧୁସୂଦନ ଦାସ**



କାନ୍ତକବିଙ୍କ ଦ୍ୱାରା ସିଏ ରଚିତ
ଓଡ଼ିଶାର ସିଏ ରାଜ୍ୟ ସଙ୍ଗୀତ
ସାରା ରାଇଜରେ ଆଦୃତ ହେଲା
ଇତିହାସରେ ତା' ନାମ ରଖିଲା
ନାମଟି ତାହାର କହିବ ଯିଏ
ସୁନାପିଲା ନିଶ୍ଚେ ହୋଇବ ସିଏ ?

ଉ– **ବନ୍ଦେ ଉତ୍କଳ ଜନନୀ**




**– ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ଉତ୍ତରକୁଳ ହାଟ୍, ପ୍ରୀତିପୁର, ଯାଜପୁର
ମୋ: ୮୩୧୦୩୨୮୩୪୫



# ପଶୁ, ପକ୍ଷୀ

## କିପରି କରନ୍ତି ଆତ୍ମରକ୍ଷା

ଦିନେ ନରହରିବାବୁ ତାଙ୍କ ପୁଅ ଦିପୁ ଓ ଝିଅ ମୀରାକୁ ସାଙ୍ଗରେ ଧରି ବାଇକ୍‌ରେ ପାଖ ଗାଁରେ ଥିବା ତାଙ୍କ ବନ୍ଧୁଙ୍କ ଝିଅର ବାହାଘର ଭୋଜି ଖାଇବାପାଇଁ ଯାଉଥିଲେ । ଦିନ୧୧ଟା ବାଜିଥାଏ । ଯିବା ସମୟରେ ହଠାତ୍ ଦେଖିଲେ ଗୋଟିଏ ବଡ଼ ଆମ୍ବଗଛ ଉପରେ କାଉମାନେ ରାବଦେଇ ଚକ୍କର୍ ମାରୁଥାନ୍ତି । ଦିପୁ ପଚାରିଲା,ବାବା ! କାଉମାନେ ଏଭଳି କାହିଁକି ବୋବାଉଛନ୍ତି ? ନରହରିବାବୁ ଗାଡ଼ିରୁ ଓହ୍ଲାଇ ଗଛପାଖରେ ଥିବା ଏକ ଲମ୍ବାପଥର ଉପରେ ପିଲା ଦୁହିଁଙ୍କୁ ବସିବାକୁ କହିଲେ । ସେ କହିଲେ, ପିଲାଏ ଦେଖ ଏକ ଚିଲ ଗଛର ଡାଳ ଭିତରୁ କିଭଳି ବାହାରକୁ ଆସୁଛି। ଚିଲ କାଉର ବସାକୁ ଯାଇ କାଉ ଦେଇଥିବା ଅଣ୍ଡାକୁ ଖାଇଦିଏ । ତେଣୁ ଅଣ୍ଡାକୁ ସୁରକ୍ଷା ଦେବାପାଇଁ କାଉମାନେ ରଡ଼ିକରି ଚିଲକୁ ଘଉଡ଼ାଉଛନ୍ତି । ଏବେ ଦେଖ, କାଉମାନଙ୍କର ରଡ଼ିରେ ଅସହ୍ୟ ହୋଇ ଚିଲ ଉଡ଼ିଉଡ଼ି ଦୂରକୁ ଚାଲିଗଲା । ମୀରା ପଚାରିଲା,ବାବା ! ଚଢ଼େଇମାନଙ୍କ ସୁରକ୍ଷା କିପରି ହୋଇଥାଏ ? ନରହରିବାବୁ କହିଲେ, ଛୋଟ ଛୋଟ ଚଢ଼େଇକୁ ଛଞ୍ଚାଣ, ଚିଲ, ବାଜପକ୍ଷୀ, ପେଚା ଆଦି ଶିକାର କରନ୍ତି । ଯଦି ଶିକାରୀ ପକ୍ଷୀଟିଏ ଚଢ଼େଇକୁ ଆକ୍ରମଣ କରେ ତେବେ ଚଢ଼େଇର ରଡ଼ିଶୁଣି ବିଭିନ୍ନ ଜାତିର ଚଢ଼େଇ ଏକତ୍ରିତ ହୋଇ ଶିକାରୀ ପକ୍ଷୀକୁ ଘେରି ଯାଇ ତାହାର ଆଖି ଓ ମୁଣ୍ଡକୁ ଖୁମ୍ପି ଆଘାତ କରିବାପାଇଁ ଚେଷ୍ଟାକରନ୍ତି । ଚଢ଼େଇମାନଙ୍କ ଆକ୍ରମଣରୁ ରକ୍ଷାପାଇବା ପାଇଁ ଶିକାରୀ ପକ୍ଷୀ ଦୂରକୁ ଉଡ଼ି ଉଡ଼ି ଚାଲିଗଲେ ମଧ୍ୟ, ଚଢ଼େଇମାନେ ବହୁଦୂର ପର୍ଯ୍ୟନ୍ତ ଗୋଡ଼ାଇଥାନ୍ତି । କୋଇଲି ଉପରେ ମଧ୍ୟ ଅନେକ ଚଢ଼େଇ ରାଗିଥାନ୍ତି । ଅଣ୍ଡାଦେବା ପାଇଁ କୋଇଲି ବିଭିନ୍ନ ପକ୍ଷୀଙ୍କ ବସା ଖୋଜେ ଓ ସେଥିରେ ୧୦/୧୨ଟି ଅଣ୍ଡା ଦିଏ । ତା' ପୂର୍ବରୁ ଚଢ଼େଇ ଦେଇଥିବା ଅଣ୍ଡାକୁ ଫୋପାଡ଼ିଦିଏ । ଚଢ଼େଇମାନେ ଏହାକୁ ଜାଣିପାରି କୋଇଲିକୁ ଗଛଭିତରକୁ ପଶିବାପାଇଁ ବାଟ ଛାଡ଼ନ୍ତି ନାହିଁ । ଦିପୁ ପଚାରିଲା,ବାବା ! ସାପ ପକ୍ଷୀମାନଙ୍କର ଶତ୍ରୁ ଅଟେ, ସେ କ'ଣ ଗଛ ଚଢ଼ିପାରେ କି ? ନରହରିବାବୁ କହିଲେ, ହଁ । ସାପ ଚଢ଼େଇ ଦେହର ବାସ୍ନା ବାରିପାରେ । ସେ ଗଛକୁ ଚଢ଼ି ଚଢ଼େଇର ଅଣ୍ଡା ଓ ଛୁଆକୁ ଖାଇବାପାଇଁ ଚେଷ୍ଟା କରେ । ତେଣୁ କାଠହଣା ଚଢ଼େଇ ସାପଦାଉରୁ ରକ୍ଷାପାଇବା ପାଇଁ ନିଜ ଥଣ୍ଟରେ ଗଛର ଗଣ୍ଡିକୁ ଖୁମ୍ପି ଖୁମ୍ପି ସେଠାରୁ ଛାଲି ଛଡ଼ାଇଥାଏ । ଛାଲି ଛାଡ଼ିଥିବା ସ୍ଥାନକୁ ପୁଣି ଖୁମ୍ପି ଖଦଡ଼ିଆ କରି ପକାଏ । ସାପ ଗଛରେ ଚଢ଼ି ଗଲାବେଳେ ଗଣ୍ଡିର ଖଦଡ଼ିଆ ସ୍ଥାନ ଯୋଗୁ ଖସିପଡୁଥାଏ ଓ ଉପରକୁ ଉଠି ଚଢ଼େଇର ବସା ପାଖରେ ପହଞ୍ଚିପାରେ ନାହିଁ । ସେହିପରି ଭୂମି ଉପରେ ଗୁଣ୍ଡୁଚିମୂଷା ଓ ଅନ୍ୟାନ୍ୟ ସରୀସୃପ ପ୍ରାଣୀମାନଙ୍କୁ ଦେଖିଲେ ଏକସଙ୍ଗେ ସଭିଏଁ ମିଶି ସାପକୁ କାମୁଡ଼ିବା ପାଇଁ ଗୋଡ଼ାନ୍ତି । ଏପରିକି





ଗୁଣ୍ଡୁଚିମୂଷା ପଛରୁ ନିଜର ଗୋଡ଼ ଦ୍ୱାରା ଗୋଡି, ସାନପଥର, ମାଟି ଢେଲା ଆଦି ଫୋପାଡି ନିଜକୁ ସୁରକ୍ଷା ଦେଇଥାଆନ୍ତି । ବଡ଼ ବଡ଼ ମରୁଭୂମିରେ ଗୋଖର ସାପ ଥାଏ । ମିର୍‌କୋଟ୍ ନାମକ ଏକ ଛୋଟିଆ ଜନ୍ତୁ ବାଲିରେ ଗାତକରି ଗାତ ମୁହଁରେ ଜଗିଥାଏ । ହଠାତ୍ ସାପକୁ ଦେଖିଲାମାତ୍ରେ ଏଭଳି ଏକ ଶବ୍ଦକରେ ଯେ, ସେ ଶବ୍ଦ ଶୁଣି ଅନ୍ୟ ମିର୍‌କୋଟ୍‌ମାନେ ଭୁସ୍‌ଭାସ୍ ଗାତ ଭିତରୁ ବାହାରି ଆସି ଏକତ୍ରିତ ହୋଇ ସାପକୁ ଗୋଡ଼ାଇଥାନ୍ତି । ସାପ ଭୟଭୀତ ହୋଇ ସେଠାରୁ ଚାଲିଯାଏ । ଏତିକିବେଳେ ମୀରା ପଚାରିଲା, ବାବା ! ମୁଁ ଦିନେ ଟିଭିରେ ଦେଖୁଥିଲି ଗୋଟିଏ ପ୍ରକାର ମାଙ୍କଡ଼ପଲ ବାଘକୁ ଗୋଡ଼ାଇ ଗୋଡ଼ାଇ ଦୂରକୁ ପଠାଇବା ଦୃଶ୍ୟ । ନରହରିବାବୁ କହିଲେ, ସତ କଥା । ମ୍ୟାଣ୍ଡ୍ରିଲ ମାଙ୍କଡ଼ମାନେ ଏକସଙ୍ଗେ ବସି ଦେହ ମୁଣ୍ଡକୁ କୁଣ୍ଡାଉଥାନ୍ତି, ଦେହରୁ ପୋକ ବାଛୁଥାନ୍ତି । ହଠାତ୍ ବାଘକୁ ଦେଖିଲା ମାତ୍ରେ ସମସ୍ତେ ମିଶି ଆକ୍ରମଣ କରିବାକୁ ଆସନ୍ତି । ଚିତାବାଘ କ'ଣ କରିବ ଭାବିବା ପୂର୍ବରୁ ସେ ଇତସ୍ତତଃ ହୋଇ ଦୌଡି ପଳାଇଥାଏ ଓ ତା' ପଛରେ ଏହି ମାଙ୍କଡ଼ମାନେ ଗୋଡ଼ାଇ ଗୋଡ଼ାଇ ଅନେକ



ଦୂରକୁ ନେଇ ଯାଆନ୍ତି । ସେହିପରି ସିମ୍ପାଞ୍ଜି ଶିକାର କରୁଥିବା ଜନ୍ତୁକୁ ଦେଖିଲା ମାତ୍ରେ ପାଦକୁ ଭୂମି ଉପରେ କଚାଡୁ ଥାଏ, ହାତକୁ ହଲାଏ, ଟେକା ଫୋପାଡ଼େ । ଏପରିକି ଗଛର ଡାଳକୁ ଭାଙ୍ଗି ସେଥିରୁ ବାଡ଼ି ତିଆରିକରି ତଳକୁ ପିଟୁଥାଏ । ସେସବୁ ଦେଖି ଶିକାରୀ ଜନ୍ତୁପାଖ ମାଡ଼େନାହିଁ । ନରହରିବାବୁ କହିଲେ, ପଶୁପକ୍ଷୀଙ୍କ ବିଷୟରେ ଏମିତି କେତେ ଯେ କଥା ରହିଛି, ଯାହାକି ସେମାନେ ନିଜ ନିଜର ଜୀବନ ବିତେଇବା ପାଇଁ ସେମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ହୋଇଥାଏ, ଯାହା ମଣିଷ ସମାଜରେ ନ ଥାଏ । ଏହା କହି ପିଲାଦୁହିଁଙ୍କୁ ଗାଡ଼ିରେ ବସାଇ ବନ୍ଧୁଙ୍କ ଘରଆଡ଼କୁ ଗଲେ ।

-ବିନୋଦ ଚନ୍ଦ୍ର ଜେନା
ଭିକ୍ଟୋରି କଲୋନୀ, ପାରଳାଖେମୁଣ୍ଡି
ମୋ- ୭୭୩୫୨୨୨୭୧୩

## ବୃହତ୍ତମ ଗୁମ୍ଫା

ପୃଥିବୀରେ ଏମିତି ଏକ ଗୁମ୍ଫା ରହିଛି ଯାହା ମଧ୍ୟରେ ଘନ ଜଙ୍ଗଲ ସହ ନଦୀ ବହିଯାଉଥିବାର ଦେଖିବାକୁ ମିଳେ। ଆଉ ଏହି ଗୁମ୍ଫା ଏତେ ବଡ଼ ଯେ ଏହା ଭିତରେ ଗୋଟିଏ ସହର ପ୍ରତିଷ୍ଠା କରାଯାଇପାରିବ। ଏହା ସୋନଡୁଙ୍ଗ ଗୁମ୍ଫା ନାମରେ ବେଶ୍ ଜଣାଶୁଣା। ଭିଏତ୍‌ନାମରେ ଅବସ୍ଥିତ ଏହି ଗୁମ୍ଫାକୁ ଅନେକେ ରହସ୍ୟମୟୀ ଗୁମ୍ଫା କହିଥାନ୍ତି। ୨୦୦୯ରେ ଏହାର ସନ୍ଧାନ ମିଳିଥିଲା। ଗୁମ୍ଫାଟିର ଉଚ୍ଚତା ୨୦୦ମିଟର ଏବଂ ଲମ୍ବ ପ୍ରାୟ ୫କିମି। ଉକ୍ତ ଗୁମ୍ଫାଟିକୁ ଭିଏତ୍‌ନାମର 'ଗ୍ରେଟ ୱାଲ' ମଧ୍ୟ କୁହାଯାଏ। ବର୍ଷାଦିନେ ଗୁମ୍ଫା ଭିତର ପାଣିରେ ଭର୍ତ୍ତିହୋଇଯାଏ। ଏହା ମଧ୍ୟକୁ ଯିବା କଷ୍ଟ ସାଧ ହୋଇଥାଏ। ଗୁମ୍ଫା ମଧ୍ୟରେ ଦୁଇଟି ସିଙ୍କ୍ ହୋଲ୍ ରହିଛି। ଏହି ସିଙ୍କ୍ ହୋଲ୍ ତଳେ ଜଙ୍ଗଲ ରହିଛି, ଯେଉଁଠାରେ ଗଛର ଉଚ୍ଚତା ପ୍ରାୟ ୩୦ମିଟରରୁ ଅଧିକ ହେବ। ସୂଚନାଯୋଗ୍ୟ, ପ୍ରତିବର୍ଷ ଏହା ମଧ୍ୟକୁ ଯିବା ଲାଗି ମାତ୍ର ୧୦୦୦ଲୋକଙ୍କୁ ଅନୁମତି ମିଳିଥାଏ ।



କଣାଅକଣା




## ବିଶାଳ ପନିପରିବା

ଆଲାସ୍କା, ଏଭଳି ଏକ ଆମେରିକୀୟ ରାଜ୍ୟ, ଯେଉଁଠି ଫଳ ଏବଂ ପନିପରିବାର ଆକାର ବିଶାଳକାୟ ହୋଇଥାଏ। ଏପରି ହେବାର କାରଣ ଏଠାକାର ଜଳବାୟୁ, ଯାହା ଏହାକୁ ଅଧିକ ଖାସ୍ କରିଥାଏ। ଏଠାରେ ସୂର୍ଯ୍ୟକିରଣ ଅଧିକ ତୀର୍ଯକ ଭାବେ ପଡିଥାଏ। ଆଉ ଏଠାରେ ଫଳ ବଡ଼ ହେବାର କାରଣ ଖରାଦିନରେ ୨୦ଘଣ୍ଟା ସୂର୍ଯ୍ୟ କିରଣ ପଡିଥାଏ। ଫଳରେ ଗଛଗୁଡିକୁ ଅଧିକ ଆଲୋକ ସଂଶ୍ଳେଷଣ ପାଇଁ ବେଶୀ ସମୟ ମିଳିଥାଏ। ଯାହାଦ୍ୱାରା ଫଳ ଏବଂ ପନିପରିବାକୁ ବଡ଼ କରିବାରେ ସାହାଯ୍ୟ କରିଥାଏ। ଏଠାରେ ଉର୍ବର ମାଟି ଫଳ ଏବଂ ପନିପରିବା ଆକାରରେ ମଧ୍ୟ ଖାସ୍ ଭୂମିକା ଗ୍ରହଣ କରିଥାଏ। ସୂଚନାଯୋଗ୍ୟ ୨୦୨୧ରେ ପାନମଧୁରୀର ଓଜନ ଥିଲା ୧୧ପାଉଣ୍ଡ, ରସୁଣ ୩/୮ ପାଉଣ୍ଡ, ଲାଉର ଲମ୍ବ ୧୦ଫୁଟ , ଭେଣ୍ଡିର ଲମ୍ବ ୮ଇଞ୍ଚ ଏବଂ ଲଙ୍କାର ଲମ୍ବ ୧୫ଇଞ୍ଚ ।

# ଆଇନା

ଅଭ୍ୟର୍ଥନା ମହାପାତ୍ର
୬ ବର୍ଷ/ ଭୁବନେଶ୍ୱର





ମହାଶ୍ରୀ ତ୍ରୟଧିକା
୫ ବର୍ଷ/ଭୁବନେଶ୍ୱର